# ଗ୍ରାମାଞ୍ଚଳରେ ଦୁଗ୍ଧ ଓ କୁକୁଡା ଉତ୍ପାଦନ ପାଇଁ
# ଭାରତ ସରକାରଙ୍କ ଅଭିନବ ପୁଞ୍ଜି ବିନିଯୋଗ ଯୋଜନା
## (ରାଷ୍ଟ୍ରୀୟ କୃଷି ଏବଂ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ ମାଧ୍ୟମରେ)

- **ମୁଖ୍ୟ ବିବରଣୀ :-**
  - ଚାଷୀ ପ୍ରକଳ୍ପ ପାଇଁ ଆବଶ୍ୟକ ରାଶିର ଶତକଡା ୧୦ ଭାଗ ଅଂଶଧନ (Margin) ଆକାରରେ ଦେବେ ଏବଂ ଅବଶିଷ୍ଟ ୯୦ ଭାଗ ବ୍ୟାଙ୍କରୁ ଋଣ ଆକାରରେ ମିଳିବ ।
  - ପ୍ରକଳ୍ପ ମୂଲ୍ୟର ଶତକଡା ୫୦ ଭାଗ ରାଶି ଉପରେ କୈଣସି ସୁଧ ଲାଗୁହେବ ନାହିଁ ।
  - ଅବଶିଷ୍ଟ ଶତକଡା ୪୦ ଭାଗ ଋଣ ଉପରେ ସୁଧ ଲାଗୁହେବ ।
  - ପ୍ରକଳ୍ପ ରାଶିର ୯୦ ଭାଗ ଋଣ (୫୦ ପ୍ରତିଶତ ବିନାସୁଧ ଋଣ ଏବଂ ୪୦ ପ୍ରତିଶତ ସୁଧ ସହିତ ଋଣ) କିସ୍ତି ନିୟମିତ ପରିଶୋଧ କଲେ, ବ୍ୟାଙ୍କ ଅନୁଯାଇ ଧାର୍ଯ୍ୟ ସୁଧର ଶତକଡା ୫୦ ଭାଗ ପୁନର୍ବାର ଛାଡ କରାଯିବ ।
- **ବ୍ୟାଙ୍କ :-** ସବୁ ବ୍ୟବସାୟିକ ବ୍ୟାଙ୍କ, ଗ୍ରାମ୍ୟ ବ୍ୟାଙ୍କ ଏବଂ ସମବାୟ ବ୍ୟାଙ୍କ ଋଣ ପ୍ରଦାନ କରିବେ ।
- **ରାଜ୍ୟ ସରକାର ଏବଂ କେନ୍ଦ୍ରୀୟ ସଂସ୍ଥାଙ୍କ ସାହାଯ୍ୟ :-** ରାଜ୍ୟ ପଶୁପାଳନ ବିଭାଗ, ଓମ୍‌ଫେଡ, କେନ୍ଦ୍ରୀୟ କୁକ୍କୁଟ ଉନ୍ନୟନ ସଂସ୍ଥା ଏବଂ କେନ୍ଦ୍ରୀୟ କୁକ୍କୁଟ ଗବେଷଣା ପ୍ରତିଷ୍ଠାନ, ଆବଶ୍ୟକୀୟ ବୈଷୟିକ ପରାମର୍ଶ ଏବଂ ସଙ୍କର ଗାଈ, ପ୍ରଜନନକ୍ଷମ ଉନ୍ନତ ଦେଶୀ ଜାତୀୟ କୁକୁଡା ଏବଂ ଅନାନ୍ୟ ପକ୍ଷୀ ଛୁଆ ଯନ୍ତ୍ରପାତି ଇତ୍ୟାଦି ପାଇବା ସମ୍ବନ୍ଧୀୟ ସୂଚନା ଯୋଗାଇଦେବେ ।

### (କ) ଦୁଗ୍ଧ ଉତ୍ପାଦନ :-



- ଶୁଦ୍ଧ ଦୁଗ୍ଧ ଉତ୍ପାଦନ ହିଁ ଏ ଯୋଜନାର ମୂଳ ଲକ୍ଷ୍ୟ ।
- ଆଧୁନିକ ଯନ୍ତ୍ରପାତି ବ୍ୟବହାର କରାଯାଇ ୧୦ଟି ଗାଈ ପର୍ଯ୍ୟନ୍ତ ଛୋଟ ଫାର୍ମ ସ୍ଥାପନ । ଏହି ଯୋଜନା, ଦୁଗ୍ଧ ବନ୍ୟା ଅର୍ନ୍ତଭୁକ୍ତ ଅଞ୍ଚଳ (ଅବିଭକ୍ତ ପୁରୀ, କଟକ, ଢେଙ୍କାନାଳ, କେନ୍ଦୁଝର ଓ ସମ୍ବଲପୁର ଜିଲ୍ଲା) ବାହାରେ ହିଁ କେବଳ କାର୍ଯ୍ୟକାରୀ ହେବ ।
- ଦୁଗ୍ଧ ଦୁହିଁବା ଯନ୍ତ୍ର, ଇଲେକ୍‌ଟ୍ରୋନିକ୍ ଦୁଗ୍ଧ ପରୀକ୍ଷା ଯନ୍ତ୍ର ଏବଂ ଦୁଗ୍ଧ ଥଣ୍ଡା କରିବା ଯନ୍ତ୍ର (୨୦୦୦ ଲିଟର ପର୍ଯ୍ୟନ୍ତ) କିଣା ।
- ଦୁଗ୍ଧଜାତ ପଦାର୍ଥ ତିଆରି ପାଇଁ ଯନ୍ତ୍ରପାତି କିଣା ।
- ଶୀତଳ ଶୃଙ୍ଖଳ ସହିତ ଦୁଗ୍ଧଜାତ ପଦାର୍ଥ ପରିବହନ ବ୍ୟବସ୍ଥା ।
- ଦୁଗ୍ଧ ଏବଂ ଦୁଗ୍ଧଜାତ ପଦାର୍ଥ ପାଇଁ ଶୀତଳ ଭଣ୍ଡାର ବ୍ୟବସ୍ଥା ।
- ସ୍ଥାୟୀ ବା ଭ୍ରାମ୍ୟମାଣ ବ୍ୟକ୍ତିଗତ ପଶୁ ଚିକିତ୍ସାଳୟ ସ୍ଥାପନ (କେବଳ ପଶୁ ଚିକିତ୍ସା ବିଜ୍ଞାନ ସ୍ନାତକ ମାନଙ୍କ ପାଇଁ) ।

### (ଖ) କୁକୁଡା ପାଳନ ଇତ୍ୟାଦି :



- ଏ ଯୋଜନା ଓଡ଼ିଶାର ସମସ୍ତ ଜିଲ୍ଲାରେ କାର୍ଯ୍ୟକାରୀ ହେବ ।
- କମ ଖର୍ଚ୍ଚ ବିଶିଷ୍ଟ କୁକୁଡା ଯଥା କଳିଙ୍ଗ ବ୍ରାଉନ୍, ଗିରିରାଜ, ବନରାଜ, କାରିଗୋଲ୍ଡ ଇତ୍ୟାଦି ଓ ବତକ, ଟର୍କି, ଗିନି କୁକୁଡା, କ୍ୱେଲ, ଏମୁ, ଓଟପକ୍ଷୀ ପ୍ରଜନନ ।
- ଦାନା ଗୋଦାମ, ଦାନା ପେଶିବା ଓ ମିଶାଇବା କଳ ଏବଂ ଦାନା ବିଶ୍ଳେଷଣ ପ୍ରୟୋଗଶାଳା ।
- ବ୍ରଏଲର କୁକୁଡା ବିତରଣ ବ୍ୟବସ୍ଥା, ବିଶେଷ କରି ପରିବହନ, ଶୀତଳ ଭଣ୍ଡାର, ଶିତଳ ଶୃଙ୍ଖଳ, ପ୍ରକ୍ରିୟାକରଣ ପୂର୍ବରୁ କୁକୁଡା ରଖିବା ପାଇଁ ଘର ଇତ୍ୟାଦି ।
- ରପ୍ତାନି ପାଇଁ ଅଣ୍ଡା ବାଛିବା, ପ୍ୟାକିଂ କରିବା ଏବଂ ରଖିବା ଘର ।
- ଛୋଟ ବ୍ରଏଲର କୁକୁଡା ଡ୍ରେସିଂ ଯୋଜନା (ଦିନକୁ ୩୦୦ ଟି ପର୍ଯ୍ୟନ୍ତ କୁକୁଡା) ।
- ଅଣ୍ଡା ଏବଂ ମାଂସ ଜାତୀୟ କୁକୁଡା ବିକିବାକୁ ଠେଲା ଗାଡି ।
- ଉଚ୍ଚ ମାନର (Hybrid) ଅଣ୍ଡାଦିଆ କୁକୁଡା ଛୁଆ ପାଳନ କେନ୍ଦ୍ର (Central Grower/Pullet Rearing Centre) ସ୍ଥାପନ (ପ୍ରତି ବ୍ୟାଚରେ ୧୨୫୦୦ ଟି ଛୁଆ ୧୨ ସପ୍ତାହ ପର୍ଯ୍ୟନ୍ତ ପାଳନ କରି ଚାଷୀଙ୍କୁ ଯୋଗାଇ ଦିଆଯିବ । ବର୍ଷକୁ ୪ଟି ବ୍ୟାଚ ପାଳିତ ହେବେ ।)

**ବି.ଦ୍ର. :-**

୧) କୌଣସି ବ୍ୟକ୍ତି ବା ଗୋଷ୍ଠୀ ଋଣ ନେଇ ପାରିବେ । ଯେଉଁ ବ୍ୟକ୍ତି ସଂପୃକ୍ତ ଉତ୍ପାଦନ, ଉତ୍ପାଦିତ ପଦାର୍ଥର ମାନବୃଦ୍ଧି ଏବଂ ଗୁଣାତ୍ମକ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧିରେ କାର୍ଯ୍ୟରତ, ସେମାନଙ୍କୁ ଯୋଜନା ମଞ୍ଜୁରୀରେ ପ୍ରାଥମିକତା ଦିଆଯିବ ।

୨) ରାଜ୍ୟସ୍ତରୀୟ ଅନୁମୋଦିତ ଏକକ ରାଶି (Unit Cost) ଅନୁସାରେ ଏବଂ ଭାରତ ସରକାରଙ୍କ ଅନୁମୋଦିତ ସର୍ବୋଚ୍ଚ ରାଶି ମଧ୍ୟରେ ଯୋଜନାକୁ ମଞ୍ଜୁରୀ ଦିଆଯିବ ।

୩) ଚାଷୀ କୌଣସି ଏକ ବା ଏକାଧିକ ପ୍ରକଳ୍ପ ପାଇଁ ଋଣ ନେଇ ପାରିବେ ।

**ଯୋଗାଯୋଗ :-**

**୧) ପଶୁପାଳନ ବିଭାଗ ନିର୍ଦ୍ଦେଶାଳୟ, ମଙ୍ଗଳା ବାଗ, କଟକ**

ଦୂରଭାଷ :- (୯୫୬୭୧) ୨୬୧୪୬୨୯/୨୬୧୪୪୭୮

**୨) ରାଷ୍ଟ୍ରୀୟ ଗ୍ରାମ୍ୟୋନ୍ନୟନ ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, ନୟାପଲ୍ଲୀ, ଭୁବନେଶ୍ୱର**

ଦୂରଭାଷ - ବୈଷୟିକ ସେବା ବିଭାଗ - (୯୫୬୭୪) ୨୫୫୭୦୦୯, ଲଗାମି ଋଣ ବିଭାଗ - (୯୫୬୭୪) ୨୫୫୪୦୧୬

**ମତାମତ**

ପ୍ରିୟ ପାଠକ ବନ୍ଧୁ ! ଆମର ଏହି ପତ୍ରିକା 'ବିକାଶ'ର ପ୍ରଥମ ଓ ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଲା । ତାହା ଆପଣ ନିଶ୍ଚୟ ପଢ଼ିଥିବେ । ପଶୁସଂପଦ ବିକାଶ ବିଭାଗର ଏହି ତ୍ରୈମାସିକ ମୁଖପତ୍ର କିପରି ଲାଗିଲା ଆପଣଙ୍କ ସୁନିଶ୍ଚିତ ମତାମତ ନିଶ୍ଚୟ ଲେଖି ଜଣାଇବେ । ଚିଠି ପଠାଇବାର ଠିକଣା ହେଲା - **ସୂଚନା ଅଧିକାରୀ,** ପଶୁପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ, ଓଡ଼ିଶା । ସା/ପୋ : ମଙ୍ଗଳା ବାଗ, ଜି. : କଟକ

ପ୍ରକାଶକ : ଓଡ଼ିଶା ପଶୁପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶକ, କଟକଙ୍କ ଦ୍ୱାରା ପ୍ରକାଶିତ ।